# ତହସିଲଦାରଙ୍କ କାର୍ଯ୍ୟାଳୟ, ପଦ୍ମପୁର, ଜି-ବରଗଡ ।

## ନିଲାମ ଇସ୍ତାହାର

ବିଜ୍ଞାପନ ସଂ-୧୭୩୮ ତା-୧୮.୦୫.୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତହସିଲଦାର ପଦ୍ମପୁରଙ୍କ ସରକାରୀ ଜିପ୍ ନଂ-OR-17-B-2882 ମୋଟର ଯାନ ନିରୀକ୍ଷକ (ଏମ୍.ଭି.ଆଇ) ବରଗଡଙ୍କ ସୁପାରିସ କ୍ରମେ ରାଜସ୍ୱ କମିସନର (ଉତ୍ତରାଞ୍ଚଳ) ସମ୍ବଲପୁରଙ୍କ ଦ୍ୱାରା ଚଳାଚଳ ପାଇଁ ଅନୁପଯୋଗୀ ଘୋଷିତ ହୋଇଅଛି ଏହାର ସର୍ବନିମ୍ନ ବିକ୍ରୟ ମୂଲ୍ୟ ମାତ୍ର ୨୨,୦୦୦/-ଟଙ୍କା ଧାର୍ଯ୍ୟ ହୋଇଅଛି ଏବଂ ନିମ୍ନସାକ୍ଷରକାରୀ ମାନଙ୍କୁ ଉକ୍ତ ଯାନ ନିଲାମ କରିବା ପାଇଁ ଆଦେଶ ହୋଇଅଛି ।

ଏଣୁ ଇଚ୍ଛୁକ ଥିବା ବ୍ୟକ୍ତି ଜଉମୁଦ ଲଫାପାରେ ତାଙ୍କର ସଂପୂର୍ଣ୍ଣ ପରିଚୟ ତଥା ଠିକଣା ଥିବା ଫର୍ମରେ ନିଲାମ ଡାକ ନିର୍ଦ୍ଧାରଣ କରି ନିମ୍ନ କାର୍ଯ୍ୟାଳୟକୁ ତା- ୦୬.୦୬.୨୦୨୦ ଅପରାହ୍ନ ୧ଟା ସୁଦ୍ଧା ଡାକ ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପହଞ୍ଚିବା ଦରକାର । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଲଫାପା ଉପରେ ନାଲି ଅକ୍ଷରରେ ସରକାରୀ ଗାଡି ନିଲାମ ପାଇଁ ଆବେଦନ ଫର୍ମରେ ଲେଖା ହୋଇଥିବା ଆବଶ୍ୟକ । ଆବେଦନକାରୀ ଅମାନତ ଟ.୧୦୦୦/-(ଏକ ହଜାର) ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ତହସିଲଦାର ପଦ୍ମପୁରଙ୍କ ନାମରେ (PAYABLE AT SBI PADAMPUR) ପଇଠ ଥିବା ଉକ୍ତ ଆବେଦନ ଫର୍ମରେ ସଂଲଗ୍ନ ଥିବା ଦରକାର । ବିଫଳ ପ୍ରତିଯୋଗୀଙ୍କୁ ଅମାନତ ଟଙ୍କା ବିନା ସୁଧରେ ଫେରସ୍ତ କରାଯିବ । ମୁଦା ଲଫାପା ତା.୦୮.୦୬.୨୦୨୦ ଦିବା ଘ.୧୦.୦୦ ସମୟରେ ନିଲାମ ଆବେଦନକାରୀଙ୍କ ଉପସ୍ଥିତିରେ ଖୋଲା ହେବ ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କୁ ଉପରୋକ୍ତ ସରକାରୀ ଜିପର ହକଦାର ମାନ୍ୟତା ଦିଆଯିବ । ସର୍ବୋଚ୍ଚ ନିଲାମଧାରୀ ତାଙ୍କ ନିଲାମ ଡାକର ଅନ୍ୟୁନ ୨୫ ପ୍ରତିଶତ ନିଲାମ ଦିନ ପଇଠ କରିବେ ଏବଂ ବାକି ସମସ୍ତ ଦେୟ ୭ (ସାତ) ଦିନ ମଧ୍ୟରେ ପଇଠ କରି ସରକାରୀ ଜିପ୍‌କୁ ସ୍ଥାନାନ୍ତର କରିବେ ।

ସାତ ଦିନ ମଧ୍ୟରେ ଜିପ ସ୍ଥାନାନ୍ତର କରି ନ ପାରିଲେ ନିଲାମ ମୂଲ୍ୟର ଶତକଡା ୧ ଭାଗ ଗ୍ରାଉଣ୍ଡ ରେଟ୍ ହିସାବରେ ସଂପୃକ୍ତ ନିଲାମଧାରୀଙ୍କ ଠାରୁ ଆଦାୟ କରାଯିବ ଏବଂ ଜମା ଥିବା ସମସ୍ତ ଟଙ୍କା ବ୍ୟାଜାପ୍ତ କରାଯିବ ।

ନିଲାମ ବିଷୟରେ ସବିଶେଷ ବିବରଣୀ ତଥା ସରକାରୀ ଜିପ୍ ସମ୍ବନ୍ଧରେ ନିରୀକ୍ଷଣ ପାଇଁ ଅତ୍ର କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ଦିବା ଘ.୦୭.୦୦ ରୁ ଘ.୦୧.୦୦ ମଧ୍ୟରେ ଯୋଗା ଯୋଗ କରିପାରିବେ ।

ପ୍ରକାଶ ଥାଉକି କୌଣସି କାରଣ ନ ଦର୍ଶାଇ ନିମ୍ନ ସାକ୍ଷରକାରୀ ଯେ କୌଣସି ସମୟରେ ଉକ୍ତ ନିଲାମକୁ ରଦ୍ଦ କିମ୍ବା ସ୍ଥଗିତ କରିବାର କ୍ଷମତା ନିଜ ପାଖରେ ସୁରକ୍ଷିତ ରଖିଛନ୍ତି ।

18/5/20

ତହସିଲଦାର, ପଦ୍ମପୁର

ତହସିଲଦାର

ପଦ୍ମପୁର

ଅ.ପୃ.ଦେ...

ପରିପତ୍ର ସଂ -୧୭୩୯ ତା-୧୮.୦୫.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, ବରଗଡଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପଦ୍ମପୁର

ପରିପତ୍ର ସଂ -୧୭୪୦ ତା-୧୮.୦୫.୨୦୨୦

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ପଦ୍ମପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପଦ୍ମପୁର

ପରିପତ୍ର ସଂ -୧୭୪୧ ତା-୧୮.୦୫.୨୦୨୦

ଏହାର ଏକକିତା ନକଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ବରଗଡଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପଦ୍ମପୁର

ପରିପତ୍ର ସଂ -୧୭୪୨ ତା-୧୮.୦୫.୨୦୨୦

ଏହାର ଏକକିତା ନକଲ ଉପଖଣ୍ଡ ଲୋକ ସଂପର୍କ ଅଧିକାରୀ, ପଦ୍ମପୁରଙ୍କ ଅବଗତି ତଥା ଏହାର ସମୂହ ପ୍ରଚାର ପାଇଁ କୌଣସି ଗୋଟିଏ ସ୍ଥାନୀୟ ଖବର କାଗଜରେ ଗୋଟିଏ ଦିନ ପାଇଁ ବିଜ୍ଞାପନ ପ୍ରକାଶ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଡି.ଆଇ.ଓ (D.I.O.), ଏନ. ଆଇ. ସି. (N.I.C.) ବରଗଡଙ୍କ ଅବଗତି ତଥା ଏହି ବିଜ୍ଞାପନ ବରଗଡ ଜିଲ୍ଲା ୱେବସାଇଟ୍‌ରେ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ପଦ୍ମପୁର

ପରିପତ୍ର ସଂ -୧୭୪୩ ତା-୧୮.୦୫.୨୦୨୦

ଏହାର ଏକକିତା ନକଲ ପଦ୍ମପୁର ଉପଖଣ୍ଡର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁର, ସହକାରୀ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ) ପଦ୍ମପୁର, କନିଷ୍ଠ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ଯୋଗାଣ ଓ ପରିମଳ ଅନୁଖଣ୍ଡ, ପଦ୍ମପୁରଙ୍କ ଅବଗତି ତଥା ବିଜ୍ଞାପନ ଫଳକରେ ପ୍ରକାଶନ ସକାଶେ ପ୍ରେରଣ କରାଗଲା

ତହସିଲଦାର, ପଦ୍ମପୁର